# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**5 November - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- କନ୍ଧମାଳ ଜିଲ୍ଲା ଆମ୍ବ ଟାକୁଆ ଜାଉ ଖାଇ ଦୁଇ ଜଣଙ୍କ ମୃତ୍ୟୁ ଘଟଣାର ଆର୍‌ଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ
- ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ ତାରିଖରୁ ହେବ ଆରମ୍ଭ
- ରାଜ୍ୟରେ ଆସନ୍ତା ୧୪ ତାରିଖରୁ ହାତୀଗଣନା ହେବା ନେଇ ପି.ସି.ସି.ଏଫ୍‌ଙ୍କ ସୂଚନା

ଏବଂ

- ବିଶ୍ୱ ସୁନାମୀ ସଚେତନତା ଦିବସରେ ପୁରୀ ଜିଲ୍ଲାର ନରସିଂହପାଟଣାରେ ଜନସଚେତନତା ସୃଷ୍ଟି ପାଇଁ ଛାୟା ଅଭ୍ୟାସ ଅନୁଷ୍ଠିତ

***BBSR/R***

## ଆମ୍ୱଟାକୁଆ ଜାଉ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗାଁରେ ଆମ୍ୱଟାକୁଆ ଜାଉ ଖାଇ ୨ ଜଣ ମହିଳାଙ୍କର ମୃତ୍ୟୁ ଅଭିଯୋଗ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଏହି ଘଟଣାରେ ଅନ୍ୟ ୪ ଜଣ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଏବଂ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୨ ଜଣ କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆକ୍ରାନ୍ତଙ୍କର ଚିକିତ୍ସା କରୁଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଡାକ୍ତରୀ ଦଳ ମାଣ୍ଡିପଙ୍କା ଗାଁରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି।

***BBSR/R***

## ହରେକୃଷ୍ଣ ମହତାବ ଜୟନ୍ତୀ

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ଜାତୀୟ ଉତ୍ସବ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଖୁସିବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର କିମ୍ବଦନ୍ତୀ ରାଷ୍ଟ୍ରବାଦୀ ନେତାଙ୍କୁ ଏହା ମହାନ

ଶ୍ରଦ୍ଧାଞ୍ଜଳି ହେବ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଡକ୍ଟର ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ବର୍ଷବ୍ୟାପୀ ପାଳନ କରିବା ପାଇଁ ପୂର୍ବରୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୧ ତାରିଖରୁ ୩ ଦିନ ଧରି ଭୁବନେଶ୍ୱରରେ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତା ଏକ ବର୍ଷ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

***Desk***

## ଝିଅ-ପେନସନ୍

ସରକାରୀ କର୍ମଚାରୀଙ୍କର ସେବା ନିବୃତ ସମୟରେ ପରିବାର ସମ୍ପର୍କିତ ସୂଚନା ସଂଗ୍ରହ କରାଯିବା ବେଳେ ଝିଅମାନଙ୍କର ନାମକୁ କାଗଜପତ୍ରରେ ସାମିଲ କରିବା ପାଇଁ ପେନସନ୍ ଓ ପେନସନ୍‌ଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ସରକାରୀ କର୍ମଚାରୀଙ୍କ ପାରିବାରିକ ପେନସନ୍ ପାଇଁ ଯୋଗ୍ୟ ପରିବାର ସଦସ୍ୟମାନଙ୍କ ତାଲିକାରୁ ଝିଅମାନଙ୍କ ନାମକୁ ବାଦ ଦିଆଯାଇପାରିବ ନାହିଁ। ଜଣେ ଝିଅ ବିବାହ କରିବା, ପୁନଃ ବିବାହ କରିବା କିମ୍ବା ଚାକିରି  ନ ପାଇବା ପର୍ଯ୍ୟନ୍ତ ଫ୍ୟାମିଲି ପେନସନ୍ ପାଇବାକୁ ଯୋଗ୍ୟ। ଏହାଛଡ଼ା ୨୫ ବର୍ଷରୁ ଅଧିକ ବୟସର ବିବାହ ବିଚ୍ଛେଦ ହୋଇଥିବା ଝିଅ ମଧ୍ୟ ପାରିବାରିକ ପେନସନ୍ ପାଇପାରିବେ।

***Desk***

## ହାତୀଗଣନା

ରାଜ୍ୟରେ ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ହାତୀ ଗଣନା କରାଯିବ ବୋଲି ପ୍ରଧାନ ମୁଖ୍ୟ ବନ  ସଂରକ୍ଷକ - ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ଶ୍ରୀ ନନ୍ଦ କହିଛନ୍ତି,ରାଜ୍ୟରେ  ଯେତିକି ହାତୀ ରହିବା କଥା

ତା'ଠାରୁ ୪୦୦ଟି ଅଧିକ ହାତୀ ଅଛନ୍ତି । ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍ସର ହାତୀ କେନ୍ଦ୍ରର ରିପୋର୍ଟ ଅନୁସାରେ ଓଡ଼ିଶାର ଜଙ୍ଗଲରେ ସର୍ବାଧିକ ୧୭୦୦ ହାତୀ ରହିପାରିବେ । ତେବେ ବର୍ତ୍ତମାନ ୨ ହଜାର ୧୦୦ ହାତୀ ଅଛନ୍ତି । ଏହି କାରଣ ପାଇଁ ହାତୀ ମଣିଷ ଲଢ଼େଇ ବଢୁଛି । ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ କିଛି ହାତୀଙ୍କୁ ଶିମିଳିପାଳକୁ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି । ସ୍ଥାନାନ୍ତର ପୂର୍ବରୁ ସ୍ଥାନୀୟ ବାସିନ୍ଦା ଓ ଜନପ୍ରତିନିଧିଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି । ଏହା ସହ ଚିଲିକା ନଳବଣରେ ବିଦେଶୀ ପକ୍ଷୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଆସନ୍ତା ଡିସେମ୍ବର ୨୫ରୁ ପକ୍ଷୀଙ୍କ ଗଣନା କରାଯିବ ବୋଲି ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି ।

***Desk***

## ୨ ହଜାର ଟଙ୍କିଆ ନୋଟ୍ ଫେରସ୍ତ

ଭାରତୀୟ ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ ୯୮ ପ୍ରତିଶତରୁ ଅଧିକ ୨ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଛି । ୨୦୧୬ ମସିହା ନଭେମ୍ବର ମାସରେ ଘୋଷଣା କରାଯାଇଥିବା ବିମୁଦ୍ରିକରଣ ପରବର୍ତ୍ତୀ ସମୟରେ ପ୍ରଥମଥର ପାଇଁ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନକୁ ପ୍ରତ୍ୟାହାର କରାଯାଇଛି । ସୂଚନା ଅନୁସାରେ, ୨୦୨୩ ମସିହା ମଇ ମାସ ୧୯ ତାରିଖରେ ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିବା ନେଇ କେନ୍ଦ୍ର ସରକାର ଘୋଷଣା କରିଥିଲେ । ସେହି ସମୟରେ ୩ ଲକ୍ଷ ୫୬ ହଜାର କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ବଜାରରେ ପ୍ରଚଳନ ଥିଲା । ଗତ ମାସ ଶେଷ ସୁଦ୍ଧା ୯୮ ଦଶମିକ ଶୂନ/୪ ପ୍ରତିଶତ ୨ ହଜାର

ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଛି । ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ, ଆଉ ୬ ହଜାର ୯୭୦ କୋଟି ଟଙ୍କାର ୨ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିବା ପାଇଁ ଅପେକ୍ଷାରେ ଅଛି ।

***GNR***

## ସଂସଦ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ । ଏ ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ସମ୍ବିଧାନ ସଦନର କେନ୍ଦ୍ରୀୟ ହଲଠାରେ ଆସନ୍ତା ୨୬ ତାରିଖରୁ ସମ୍ବିଧାନ ଗ୍ରହଣ କରିବାର ୭୫ତମ ବର୍ଷ ପୂର୍ତ୍ତି ପାଳନ କରାଯିବ । ଶୀତକାଳୀନ ଅଧିବେଶନ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

***I&PR***

# ପ୍ରଭାତି ପରିଡ଼ା–ପର୍ଯ୍ୟଟନ ବିକାଶ

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଲଣ୍ଡନ ଗସ୍ତର ଆଜି ଚତୁର୍ଥ ଦିନରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଓ ବିକାଶ କ୍ଷେତ୍ରରେ ସମ୍ପର୍କକୁ ମଜଭୁତ କରିବା ପାଇଁ ୟୁକେସ୍ଥିତ ଭାରତର ହାଇକମିଶନର ବିକ୍ରମ ଦୋରାଇସ୍ୱାମୀଙ୍କ ସହ ସାକ୍ଷାତ କରିଛନ୍ତି । ଏଥିସହ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ, କଳା ଓ ସୌନ୍ଦର୍ଯ୍ୟକୁ ପ୍ରୋତ୍ସାହନ କରିବା ଦିଗରେ ଆଲୋଚନା କରାଯାଇଛି । ଶ୍ରୀ ଦୋରାଇ ସ୍ୱାମୀ ଟୁର୍ ଅପରେଟର ଏବଂ ଡେସ୍‌ଟିନେସନ୍ ମ୍ୟାନେଜମେଣ୍ଟ କମ୍ପାନୀର ସହଭାଗିତା ସହଯୋଗରେ ଓଡ଼ିଶାର ପର୍ଯ୍ୟଟନକୁ ଲୋକାଭିମୁଖୀ କରିବା ପାଇଁ ବୈଠକରେ ପ୍ରସ୍ତାବ ଦେଇଥିଲେ । ଏଥିସହ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର ପର୍ଯ୍ୟଟନ ନୀତି, ଇକୋ

ଟୁରିଜିମ, ଐତିହ୍ୟ ପର୍ଯ୍ୟଟନ ଓ ସ୍ୱଚ୍ଛତା କ୍ଷେତ୍ର ଉପରେ ବିସ୍ତୃତ ବିବରଣୀ ରଖିଥିଲେ। ନୂତନ ସହଯୋଗର କ୍ଷେତ୍ର ପ୍ରତି ଧ୍ୟାନ ଦେବା ସହ ରାଜ୍ୟକୁ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ରାଜ୍ୟ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗତ ୨ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟନ କନ୍‌କ୍ଲେଭରେ ଭାଗ ନେବା ପାଇଁ ଲଣ୍ଡନ ଗସ୍ତରେ ଯାଇଛନ୍ତି ।

***Kendrapara***

## ବାତ୍ୟା କ୍ଷୟକ୍ଷତି ଆକଳନ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଦକ୍ଷଣ ଭବନଠାରେ ବାତ୍ୟା 'ଦାନା' କ୍ଷୟକ୍ଷତି ସମ୍ପର୍କରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସମୀକ୍ଷା କରିଛନ୍ତି। ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ବ୍ୟକ୍ତି ଯେପରି ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ଧ୍ୟାନ ଦେବାକୁ ଜିଲ୍ଲା ପ୍ରଶାସନକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବାତ୍ୟା ପୂର୍ବ ଏବଂ ପରବର୍ତ୍ତୀ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ଓ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତିରାଜ, କୃଷି, ବେସାମରିକ ଯୋଗାଣ, ଗ୍ରାମ୍ୟ ଉନ୍ନୟନ ଓ ପ୍ରାଣୀ ସମ୍ପଦ ଆଦି ବିଭାଗ ପକ୍ଷରୁ ତଥ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି।

***Puri/PIB***

## ବିଶ୍ୱ ସୁନାମି ସଚେତନତା ଦିବସ

ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ପକ୍ଷରୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ ବିଶ୍ୱ ସୁନାମି

ସଚେତନତା ଦିବସ ପାଳିତ ହୋଇଛି । ଏ ନେଇ ଆଜି ଜାତୀୟ ସୁନାମି ମୁକାବିଲା ଅଭ୍ୟାସ ଆୟୋଜିତ ହୋଇଯାଇଛି । ସୁନାମି ମୁକାବିଲା ନିମନ୍ତେ ଛାୟା ଅଭ୍ୟାସ ପୁରୀ ଜିଲ୍ଲାର ନରସିଂହପାଟଣାରେ ଅନୁଷ୍ଠିତ ହୋଇଛି । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଯବାନମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହାବ୍ୟତୀତ ନୌସେନା, ତଟରକ୍ଷୀ ବାହିନୀ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ଆଣବିକ ଶକ୍ତି କେନ୍ଦ୍ର, ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ଯବାନମାନେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଏଥିରେ ସାଧାରଣ ଜନତାଙ୍କୁ ସୁନାମୀ ସମ୍ପର୍କରେ ସଚେତନ କରାଇବା ସହ ବିପଦ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ନେଇ ଅବଗତ କରାଯାଇଥିଲା । ୨୦୧୬ ମସିହା ନଭେମ୍ବର ୫ ତାରିଖରୁ ବିଶ୍ୱ ସୁନାମୀ ଦିବସ ପାଳନ କରାଯାଇଆସୁଅଛି ।

***Puri/BHK***

## ଟ୍ରେନ୍ ଗୁଳିମାଡ଼

ଭଦ୍ରକ ଚରମ୍ପା ଷ୍ଟେସନ ୧୧୯ ନମ୍ବର ଗେଟ୍ ନିକଟରେ ନନ୍ଦନକାନନ ଏକ୍ସପ୍ରେସ୍ ଟ୍ରେନ୍‌ର ଗାର୍ଡ ବଗି ଉପରକୁ ଗୁଳିମାଡ଼ ସନ୍ଦେହ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ସାଇଣ୍ଟିଫିକ୍ ଟିମ୍ ଗାର୍ଡ ବଗିର ଯାଞ୍ଚ କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Nuapada***

## ସିଟିସ୍କାନ୍ ମେସିନ ଉଦ୍‌ଘାଟନ

ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସିଟିସ୍କାନ ମେସିନ୍ ଉଦ୍‌ଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ

ମାଳବିକା ଦେବୀ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

***Ganjam***

## ମକା ମିଶନ

ଗଞ୍ଜାମ ଜିଲ୍ଲା ପରିଷଦର ଜଉଗଡ଼ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମକା ମିଶନର ଆଞ୍ଚଳିକ କ୍ରେତା ଓ ବିକ୍ରେତାମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଏହି ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ମକା ମିଶନକୁ ବ୍ୟବସାୟୀ ତଥା ଚାଷୀଙ୍କ ନିକଟରେ ପହଞ୍ଚାଇବା ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।

***Gajapati***

## ଆପତ୍‌କାଳୀନ ବୈଠକ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆପତ୍‌କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ବୃହତ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଗୁଡ଼ିକରେ ରାସାୟନିକ ଦୁର୍ଘଟଣାକୁ ମୁକାବିଲା କରିବା ନେଇ ଆଗୁଆ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବୈଠକରେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

*Nuapada*

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ବାଦୀଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଇତା ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସମସ୍ତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରେଇବା ପାଇଁ ସେ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ ।